بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୨୫ ଅପ୍ରେଲ୍ ୨୦୨୫ ଖୁତ୍‌ବା ଜୁମ୍ମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

# ୭ ଓ ୮ ହିଜ୍‌ରୀ ବର୍ଷରେ ଘଟିଥିବା କେତେକ ଯୁଦ୍ଧ ଓ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ମାଧ୍ୟମରେ କେତେକ ଯୁଦ୍ଧ ଓ ସରିୟା (ଯେଉଁ ଯୁଦ୍ଧରେ ନବୀଶିରୋମଣୀ ସାମିଲ ହୋଇ ନଥିଲେ)ର ଚର୍ଚ୍ଚା ଚାଲିଥିଲା । ସେହିକ୍ରମରେ ଗୋଟିଏ ସରିୟା ଗାଲିବ୍ ବିନ୍ ଅବ୍ଦୁଲ୍ଲାଃ[ର.ଅ] ଫୁଦକ୍ (ଅଞ୍ଚଳ) ଅଭିମୁଖେ କରିଥିବାର ଚର୍ଚ୍ଚା ମିଳୁଅଛି । ହଜରତ ବଶିର୍ ବିନ୍ ସାଦ୍ ଶାବାନ୍ ମାସ ୭ ହିଜ୍‌ରୀରେ ୩୦ଜଣ ସଦସ୍ୟଙ୍କ ସହିତ ଫୁଦକ୍ ଅଞ୍ଚଳର ବନୁ ମୁର୍‌ରାଃ ଆଡ଼କୁ ପ୍ରସ୍ଥାନ କଲେ । ବନୁ ମୁର୍‌ରାଃର ଲୋକମାନେ ବଶିର୍ ବିନ୍ ସାଦ୍ [ର.ଅ]ଙ୍କର ସମସ୍ତ ସାଥୀମାନଙ୍କୁ ଶହିଦ୍ କରିଦେଲେ । ହୁଜୁର [ସ.ଅ]ଙ୍କୁ ଯେତେବେଳେ ଏହି ହୃଦୟବିଦାରକ ସୂଚନା ମିଳିଲା ସେତେବେଳେ ମହାଭାଗ ହଜରତ ଜୁବେର୍ ବିନ୍ ଅୱ୍ୱାମ୍ [ର.ଅ]ଙ୍କ ସାଥିରେ ୨୦୦ଜଣ ସାହାବିଙ୍କୁ (ଏହି ଅଭିଯାନରେ) ପ୍ରେରଣ କଲେ । ଏଥିରେ ମୁସଲମାନମାନଙ୍କୁ ସଫଳତା ମିଳିଲା ଓ ସେମାନେ ମାଲେ ଗନିମତ୍ ନେଇ (ମଦିନା) ପ୍ରତ୍ୟାବର୍ତ୍ତନ କଲେ ।

ପୁନଶ୍ଚ ଆଉ ଏକ ସରିୟା ଶୁଜା ବିନ୍ ୱହବ୍ (ନାମରେ) ସଙ୍ଘଟିତ ହୋଇଥିଲା । ଏହି ସରିୟା ରବିଉଲ୍ ଅୱ୍ୱଲ୍ ମାସ ୮ ହିଜ୍‌ରୀରେ ଘଟିଥିଲା । ଏହାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜରତ ମୁହମ୍ମଦ [ସ.ଅ]ଙ୍କୁ ବାରମ୍ବାର ଏହି ସୂଚନା ମିଳୁଥିଲା ଯେ, ସଇ ଅଞ୍ଚଳରେ ବନୁ ହୱାଯିନ୍ କବିଲା ଇସଲାମର ଶତ୍ରୁମାନଙ୍କର ସାହାଯ୍ୟ କରୁଅଛି ଏବଂ ମୁସଲମାନମାନଙ୍କ ମିତ୍ର କବିଲାଗୁଡ଼ିକୁ ଲୁଟି ଜଙ୍ଗଲରେ ଯାଇ ଲୁଚି ଯାଉଛନ୍ତି । ତେଣୁ ରବିଉଲ୍ ଅୱ୍ୱଲ୍ ମାସ ୮ ହିଜ୍‌ରୀରେ ପୁଣ୍ୟଶ୍ଳୋକ ଶୁଜା [ର.ଅ]ଙ୍କୁ ୨୪ଜଣ ଉତ୍ସର୍ଗୀ ପ୍ରଦାନ କରି ବନୁ ହୱାଯିନ୍ କବିଲାର ନିପାତ କରିବା ନିମନ୍ତେ ପ୍ରେରଣ କଲେ । ସେମାନଙ୍କୁ ବନୁ ଆମିର୍ ମଧ୍ୟ କୁହାଯାଏ । ହଜରତ ଶୁଜା ଉତ୍ସର୍ଗୀକାରୀଙ୍କ ସାଥିରେ ରାତ୍ର ସମୟରେ ଯାତ୍ରା କରୁଥିଲେ ଏବଂ ଦିବସରେ ଛପି ରହୁଥିଲେ । ଏପରିକି ଦିନେ ସେ ହଠାତ୍ ପ୍ରଭାତ ସମୟରେ ବନୁ ଆମିର୍ କବିଲାରେ ପହଞ୍ଚିଗଲେ ଏବଂ ସେମାନଙ୍କ ଉପରେ ସହସା ଆକ୍ରମଣ କରିଦେଲେ । ହଜରତ ଶୁଜା ନିଜ ସାଥୀମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, (ଯଦି ଶତ୍ରୁ ପଳାୟନ କରେ ତେବେ) ସେମାନଙ୍କ ପଛ ଧରିବ ନାହିଁ । ସେଠାରେ ସେମାନଙ୍କୁ ଶତ୍ରୁ ପକ୍ଷର ଅନେକ ଓଟ ଓ ଛେଳି ମିଳିଲା, ସେଗୁଡ଼ିକୁ ସାହାବା ତଡି ମଦିନା ଘେନି ଆଣିଲେ ଏବଂ ପରସ୍ପର ମଧ୍ୟରେ ମାଲେ ଗନିମତ୍ (ଯୁଦ୍ଧ ଜୟ କରି ଅର୍ଜିତ ଧନସମ୍ପତ୍ତି) ବାଣ୍ଟି ନେଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଭାଗରେ ୧୫ଗୋଟି ଓଟ ପଡିଲା । ଏହି ସରିୟାରେ ୧୫ଦିନ ବ୍ୟତୀତ ହୋଇଥିଲା ।

ସେଥିଅନ୍ତେ ଆଉ ଏକ ସରିୟା କାବ୍ ବିନ୍ ଉମେର୍ ଗତଫାନୀର ବର୍ଣ୍ଣନା ମିଳୁଅଛି । ଏହି ସରିୟା ରବିଉଲ୍ ଅୱ୍ୱଲ୍ ମାସ ୮ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ହୁଜୁର[ସ.ଅ] ହଜରତ କାବ୍ ବିନ୍ ଉମେର୍ ଗତଫାନୀ [ର.ଅ]ଙ୍କ ନେତୃତ୍ୱରେ ୧୫ଜଣ ସାହାବିଙ୍କୁ ଜାତେ ଇତଲାଃ ଅଭିମୁଖେ ପ୍ରେରଣ କଲେ । ଯାହା କି ଓାଦିଉଲ୍ କୁରା ପଶ୍ଚାତ ପାର୍ଶ୍ୱରେ ରହିଥିଲା । ଯେତେବେଳେ ସାହାବାମାନେ ଜାତେ ଇତଲାଃ ନିକଟରେ ପହଞ୍ଚିଲେ ସେତେବେଳେ ଶତ୍ରୁ ପକ୍ଷର ଜଣେ ଗୁପ୍ତଚର ସେମାନଙ୍କୁ ଦେଖିନେଲା ଏବଂ ସେ ସଙ୍ଗେସଙ୍ଗେ ନିଜ ସାଥୀମାନଙ୍କୁ ମୁସଲମାନମାନଙ୍କ ଆଗମନର ସୂଚନା ପ୍ରଦାନ

କରିଦେଲା । ବସ୍ତୁତଃ ସେମାନେ ଏକ ବଡ ସେନାବାହିନୀ ଏକତ୍ରୀତ କରିନେଲେ । ସାହାବାମାନେ ସେମାନଙ୍କୁ ଇସଲାମ ପ୍ରତି ଡ଼ାକରା ଦେଲେ କିନ୍ତୁ ସେମାନେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ, ଆଉ ସାହାବାମାନଙ୍କ ଉପରକୁ ତୀର ନିକ୍ଷେପ କରିବା ଆରମ୍ଭ କରିଦେଲେ । ସାହାବା ଶତ୍ରୁର ଏପରି ହରକତ୍ ଦେଖି ଅଣ୍ଟା ଭିଡିନେଲେ ଏବଂ ଶତ୍ରୁର ଯଥାସାଧ ପ୍ରତିଦ୍ୱନ୍ଦିତା କଲେ, ଏପରିକି ସଂଘର୍ଷ କରି କରି ସମସ୍ତ ସାହାବାଗଣ ବୀରଗତି ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରେ ଜଣେ ସାହାବି ଭୀଷଣ ଭାବରେ ଆଘାତ ହେବା ସତ୍ତ୍ୱେ ସେଠାରୁ ବର୍ତ୍ତି ବାହାରି ଆସିଥିଲେ । ଗୋଟିଏ ବର୍ଣ୍ଣନାନୁଯାୟୀ ସେହି ସାହାବି ଜଣକ ସ୍ୱୟଂ କାବ୍ ବିନ୍ ଉମେର୍ ଥିଲେ । ସେ ଯାହା ହେଉ ଉଲ୍ଲେଖ ରହିଛି ଯେତେବେଳେ ରାତି ହେଲା ସେତେବେଳେ ସେ ବାହାନ ଉପରେ ଆରୋହଣ କରି ହୁଜୁର ସ.ଅଙ୍କ ନିକଟକୁ ଚାଲି ଆସିଲେ ଏବଂ ନବୀଶ୍ରେଷ୍ଠଙ୍କୁ ଏ ସମସ୍ତ ଘଟଣାବଳୀ ସଂକ୍ରାନ୍ତରେ ଅବଗତ କଲେ । ଏହି (ଦୁଃଖଦପୂର୍ଣ୍ଣ) ଖବର ଶୁଣି ନବୀଶ୍ରେଷ୍ଠ ଭୀଷଣ ରୂପେ ମର୍ମାହତ ହେଲେ । ଅତଏବ ସେହିକ୍ଷଣି ମହାଭାଗ ଉକ୍ତ ଅଞ୍ଚଳକୁ ଗୋଟିଏ ସେନା ପ୍ରେରଣ କରିବାର ମନସ୍ଥ କଲେ । କିନ୍ତୁ ସେତିକି ବେଳେ ହୁଜୁର ସ.ଅଙ୍କୁ ଖବର ମିଳିଲା ଯେ ସେହି ଉପଦ୍ରବୀମାନେ ନିଜ ଅଞ୍ଚଳରୁ ବିକ୍ଷିପ୍ତ ହୋଇଯାଇଛନ୍ତି । ବସ୍ତୁତଃ ହୁଜୁରସ.ଅ ସେହି ଅଞ୍ଚଳ ଅଭିମୁଖେ ସେନା ପ୍ରେରଣ କରିବାରୁ ଓହରି ଗଲେ ।

ମୌତା ଯୁଦ୍ଧ ଜମାଦିଲ୍ ଉଲା ୮ ହିଜ୍‌ରୀ ଅର୍ଥାତ୍ ୬୨୯ଖ୍ରୀଷ୍ଟାବ୍ଦରେ ସଙ୍ଘଟିତ ହୋଇଥିଲା । ମୌତା ଅଞ୍ଚଳ ସିରିୟା ଦେଶରେ ଅର୍ଥାତ୍ ମଦିନା ଠାରୁ ପାଖାପାଖି ୬୦୦ମାଇଲ ଦୂରତାରେ ଅବସ୍ଥିତ ଥିଲା । ଏହି ଯୁଦ୍ଧର ମୂଳ କାରଣ ମୁସଲମାନମାନଙ୍କ ସନ୍ଦେଶବାହକ ହାରିସ୍ ବିନ୍ ଉମେର୍ ର.ଅଙ୍କୁ ଅମାନ୍ୟକାରୀମାନଙ୍କର ଅତି ନିର୍ମମ ଭାବରେ ହତ୍ୟା କରିବା ଥିଲା, ଯାହା ଫଳରେ ହୁଜୁର ସ.ଅଙ୍କୁ ଭୀଷଣ ରୂପେ ଧକ୍କା ଲାଗିଥିଲା । ହଜରତ ମୁସଲେହ୍ ମଉଦର.ଅ କୁହନ୍ତି; ନବୀଶ୍ରେଷ୍ଠ ଗସାନ୍ କବିଲାର ପ୍ରମୁଖ ଯେ କି ରୋମୀ ପ୍ରଶାସନା ଅଧୀନରେ ବଶ୍‌ରା ଅଞ୍ଚଳର ହାକିମ (ମୁତୟନ) ଥିଲା । ସେ ନିଜେ କୈସର୍ (ରୋମ) ସମ୍ରାଟକୁ ପତ୍ର ଲେଖିଲା । ସମ୍ଭବତଃ ସେ ସେଥିରେ ରୋମୀ କବିଲାର ଅଭିଯୋଗ କରିଥିଲା ଅର୍ଥାତ୍ ରୋମୀମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଛନ୍ତି, ଆଉ ସେମାନେ ୧୫ଜଣ ମୁସଲମାନମାନଙ୍କୁ ଅତି ନିର୍ମମ ଭାବରେ ବଧ ମଧ୍ୟ କରି ଦେଇଛନ୍ତି । ଏହି ପତ୍ର ହଜରତ ହାରିସ୍ ର.ଅଙ୍କ ହସ୍ତରେ ପ୍ରେରଣ କରା ଯାଇଥିଲା, ଯେ କି ମୌତା ସ୍ଥାନରେ ଅବସ୍ଥାନ କରୁଥିଲେ । ଯେଉଁସ୍ଥଳେ ଗସାନ୍ କବିଲାର ଜଣେ ଧନାଢ଼୍ୟ ବ୍ୟକ୍ତି ଶରହବିଲ୍ ତାଙ୍କୁ ଭେଟିଲା, ଆଉ ସେ ହଜରତ ହାରିସ୍ ର.ଅଙ୍କୁ ଗିରଫ କରି ହତ୍ୟା କରାଇଦେଲା । ଯେତେବେଳେ ପୁଣ୍ୟଶ୍ଳୋକଙ୍କୁ ଏହି ସୂଚନା ମିଳିଲା ସେତେବେଳେ ହୁଜୁର ଏହି ବିଭର୍ଷ ହତ୍ୟାକାଣ୍ଡ ଓ ପୂର୍ବ (ଜଘନ୍ୟ ଅପରାଧ)ର ପ୍ରତିଶୋଧ ସ୍ୱରୂପ ୩୦୦୦ସୈନିକ ବିଶିଷ୍ଟ ଏକ ସେନାବାହିନୀ ଗଠନ କରି ସେମାନଙ୍କୁ ହଜରତ ଜୈଦ୍ ବିନ୍ ହାରସାଃ ର.ଅଙ୍କ ନେତୃତ୍ୱରେ ପ୍ରେରଣ କଲେ । ଇତ୍ୟାବସରରେ ହୁଜୁରସ.ଅ କହିଲେ; ଯଦି ଜୈଦ୍ ଶହିଦ୍ ହୋଇଯାନ୍ତି ତେବେ ହଜରତ ଜାଫର୍ ବିନ୍ ଅବୁ ତାଲିବ୍ ତୁମର ଅମିର୍ (ସେନାଧ୍ୟକ୍ଷ) ହେବେ । ଆଉ ଯଦି ହଜରତ ଜାଫର୍ ଶହିଦ୍ ହୋଇଯାନ୍ତି ତେବେ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ତୁମର ଅମିର୍ ହେବେ । **ଆଉ ଯଦି ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ମଧ୍ୟ ଶହିଦ୍ ହୋଇଯାନ୍ତି ତେବେ ମୁସଲମାନମାନେ ଯାହାଙ୍କୁ ଚାହିଁବେ ନିଜର ଅମିର୍ ମନୋନୀତ କରିନେବେ ।**

ସେତେବେଳେ ନୁ'ମାନ ନାମକ ଜଣେ ୟହୁଦି ସେହିସ୍ଥଳେ ଉପସ୍ଥିତ ଥିଲା, ସେ କହିଲା; ହେ ଅବୁ କାସିମ୍ ! ଯଦି ଆପଣ ଜଣେ ଅବତାର ତେବେ ଏବେ ଆପଣ ଯାହା ଯାହାଙ୍କ ନାମ ନେଲେ ସେମାନେ ସମସ୍ତେ ଶହିଦ୍ ହୋଇଯିବେ । ତା'ପରେ ସେହି ୟହୁଦି ହଜରତ ଜୈଦ୍ ର.ଅଙ୍କୁ କହିଲା, ଜୈଦ୍ ! ଓ୍ୱସିୟତ୍ କରିନିଅ । ଯଦି ମୁହମ୍ମଦସ.ଅ ଜଣେ ସତ୍ୟବାଦୀ ଅବତାର ତେବେ ତୁମେ ଆଉ ମଦିନା ଫେରିବ ନାହିଁ । ହଜରତ ଜୈଦ୍ ତାଙ୍କୁ ଉତ୍ତର ଦେଲେ, **ମୁଁ ସାକ୍ଷ୍ୟ ଦେଉଛି ହଜରତ ମୁହମ୍ମଦସ.ଅ ଜଣେ ସତ୍ୟବାଦୀ ଅବତାର ।** ଯେତେବେଳେ ହୁଜୁରସ.ଅ ସେନାପତି ନିଯୁକ୍ତ କରୁଥିଲେ ସେତେବେଳେ ହଜରତ ଜାଫର୍ର.ଅ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ମୁଁ କଳ୍ପନା ମଧ୍ୟ କରି ନଥିଲି ଯେ, ଆପଣ ମୋ ଉପରେ ଜୈଦ୍ ର.ଅଙ୍କୁ ସେନାପତି ନିଯୁକ୍ତ କରିବେ । ଏଥିରେ ପୁଣ୍ୟଶ୍ଳୋକ ତାଙ୍କୁ କହିଲେ; **ତୁମେ ଯାଅ ! ତୁମକୁ ଜଣା ନାହିଁ ଯେ, ତୁମ ସକାଶେ କ'ଣ ମଙ୍ଗଳମୟ ।** ହୁଜୁରସ.ଅ ହଜରତ ଜୈଦ୍ ର.ଅଙ୍କୁ ଏକ ଧବଳ ବର୍ଣ୍ଣର

ଧ୍ୱଜା ପ୍ରଦାନ କଲେ ଏବଂ ଉପଦେଶ ଦେଲେ ଯେ, ହଜରତ ହାରିସ୍ [ର.ଅ]ଙ୍କ ଶହିଦ୍ ହେବା ସ୍ଥାନରେ ପହଞ୍ଚି ସେହି ଅଞ୍ଚଳବାସୀଙ୍କୁ ଇସଲାମ ପ୍ରତି ନିମନ୍ତ୍ରଣ (ଡ଼ାକରା) ଦେବ । ଯଦି ସେମାନେ ସ୍ୱୀକାର କରିନିଅନ୍ତି ତେବେ ଠିକ୍ ନଚେତ୍ ସେମାନଙ୍କ ବିରୁଦ୍ଧରେ ପରାକ୍ରମୀ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରି ଯୁଦ୍ଧ କରିବ । ସେଥିଅନ୍ତେ ମହାଭାଗ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇ ଉପଦେଶ ଦେଲେ, ମୁଁ ତୁମମାନଙ୍କୁ ଧର୍ମନିଷ୍ଠତା ଅବଲମ୍ବନ କରିବାକୁ ଓ ନିଜ ସାଥୀ ମୁସଲମାନର ହିତାକାଂକ୍ଷୀ ହେବାକୁ ଓ୍ୱସିୟତ୍ କରୁଅଛି । ଅଲ୍ଲାଃଙ୍କ ନାମ ସହିତ ତାଙ୍କର ଅମାନ୍ୟକାରୀଙ୍କ ମୁକାବିଲା କର । ନା କାହାରିକୁ ଧୋକା ଦେବ, ନା ବିଶ୍ୱାସଘାତକତା କରିବ, ନା କୌଣସି ଦୁଗ୍ଧ ପାନ କରୁଥିବା ଶିଶୁକୁ ହତ୍ୟା କରିବ, ନା କୌଣସି ମହିଳା ଓ ବୃଦ୍ଧବ୍ୟକ୍ତିକୁ ହତ୍ୟା କରିବ, ନା ଖଜୁରୀ ଗଛ ଆଉ ନା ଅନ୍ୟ କୌଣସି ବୃକ୍ଷ କାଟିବ, ନା କୌଣସି ଅଟ୍ଟାଳିକାକୁ ଧୂଳିଶାତ କରିବ । ପୁଣି ସେନାଧ୍ୟକ୍ଷଙ୍କୁ କହିଲେ; **ଯେତେବେଳେ ତୁମେ କୌଣସି ଅମାନ୍ୟକାରୀକୁ ସାକ୍ଷାତ କରିବ ସେତେବେଳେ ତାହାକୁ ତିନିଗୋଟି ପ୍ରସଙ୍ଗ ପ୍ରତି ଆହ୍ୱାନ ଦେବ** ଯଦି ସେ ସେଥିମଧ୍ୟରୁ କୌଣସି ଗୋଟିଏ କଥା ମଧ୍ୟ ସ୍ୱୀକାର କରିନିଏ ତେବେ ତାହାକୁ କ୍ଷତି ପହଞ୍ଚାଇବ ନାହିଁ । ପ୍ରଥମ ଏହିକି ଯେ, ତାଙ୍କୁ କହିବ ନିଜ ସହରରେ ରହୁଥିବା ପ୍ରବାସୀଙ୍କ ନିକଟକୁ ସ୍ଥାନାନ୍ତରିତ ହୋଇଯାନ୍ତୁ । ଯଦି ସେମାନେ ଏହି ପ୍ରସ୍ତାବକୁ ସ୍ୱୀକାର କରି ନିଅନ୍ତି ତେବେ ତାହାଙ୍କୁ ସୂଚିତ କରିବ ଯେ, ସେମାନଙ୍କୁ ସେହି (ସୁବିଧା ସୁଯୋଗ) ମିଳିବ ଯାହା ପ୍ରବାସକାରୀ ପାଇଁ ଧାର୍ଯ୍ୟ ରହିଛି । ଆଉ ଯଦି ସେମାନେ ଏହାର ପ୍ରତ୍ୟାଖାନ କରନ୍ତି ତେବେ ତାଙ୍କୁ (ଦ୍ୱିତୀୟ ପ୍ରସ୍ତାବ) ଦେବ ଯେ, ତୁମେମାନେ ଉପତ୍ୟାକା ଅଞ୍ଚଳକୁ ଚାଲିଯାଅ । ସେମାନଙ୍କ ସକାଶେ ସେହି ନିର୍ଦ୍ଦେଶ ପ୍ରଣୟନ ହେବ ଯାହାକି ମୁସଲମାନମାନଙ୍କ ନିମନ୍ତେ ନିୟତ ରହିଛି । କିନ୍ତୁ ସେମାନଙ୍କୁ ମାଲେ ଗନିମତ୍ ଓ ମାଲେ ଫୈ (ଯୁଦ୍ଧ ନଲଢ଼ି ଅର୍ଜିତ ଧନସମ୍ପତ୍ତି) ମଧ୍ୟରୁ ଭାଗ ମିଳିବ ନାହିଁ, ଯେପର୍ଯ୍ୟନ୍ତ କି ସେମାନେ ମୁସଲମାନମାନଙ୍କ ସହିତ ସମ୍ମିଳିତ ହୋଇ ଜିହାଦ୍ କରି ନାହାନ୍ତି । ଯଦି ସେମାନେ ଏହି ପ୍ରସ୍ତାବର ମଧ୍ୟ ଅସ୍ୱୀକାର କରି ଦିଅନ୍ତି ତେବେ (ତୃତୀୟ ପ୍ରସ୍ତାବ) ତାହାଙ୍କ ଠାରୁ ଜିଜ୍ୟା (କର) ବରାଦ କରିବ । ଯଦି ସେମାନେ ଏହାକୁ ସ୍ୱୀକାର କରି ନିଅନ୍ତି ତେବେ ତାହାଙ୍କୁ ଦୁଃଖ ଓ ନିର୍ଯ୍ୟାତନା ଦେବାରୁ ବିରତ ରହିବ କିନ୍ତୁ ଯଦି ସେମାନେ ଏହାର ମଧ୍ୟ ଅସ୍ୱୀକାର କରିଦିଅନ୍ତି ତେବେ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି ସେହି ଅମାନ୍ୟକାରୀଙ୍କ ସହିତ ଜିହାଦ୍ କରିବ । ଯଦି ତୁମେ କୌଣସି ଦୁର୍ଗ ଅଥବା ସହରର ଘେରାଉ କରିନିଅ ଓ ତାହାର ଅଧିବାସୀ ତୁମ (ଠାରୁ ରକ୍ଷା ପାଇବା ସକାଶେ) କୁହନ୍ତି; ଆମକୁ ଅଲ୍ଲାଃ ଓ ରସୁଲଙ୍କ ସକାଶେ ଛାଡ଼ିଦିଅ ତେବେ ସେମାନଙ୍କୁ ସେମିତି ଚାଡ଼ିଦେବ ନାହିଁ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଏହା ଅଲ୍ଲାଃତାଲାଙ୍କ ସ୍ଥିରିକୃତ ବିଧାନ ଥିଲା ଯେ, ଉକ୍ତ ଘଟଣା ଠିକ୍ ସେହିପରି ପୂରଣ ହେଲା ଅର୍ଥାତ୍ ପ୍ରଥମେ ହଜରତ ଜୈଦ୍ ଶହିଦ୍ ହେଲେ, ତାଙ୍କ ଅନ୍ତେ ହଜରତ ଜାଫର୍ ଇସଲାମ ସେନାର ମଙ୍ଗ ଧରିଲେ ଓ ସେ ମଧ୍ୟ ଶହିଦ୍ ହୋଇଗଲେ । ତାଙ୍କ ପରେ ମହାଭାଗଙ୍କ ନିର୍ଦ୍ଦେଶାନୁଯାୟୀ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ ସେନାର ନେତୃତ୍ୱ ନେଲେ କିନ୍ତୁ ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ । ସେଥିଅନ୍ତେ ଏହା ନିକଟତର ଥିଲା ଯେ ମୁସଲମାନ ସେନା ବିକ୍ଷିପ୍ତ ହୋଇଯାଇଥାନ୍ତା କିନ୍ତୁ ଇତି ମଧ୍ୟରେ କେତେକ ମୁସଲମାନମାନଙ୍କ ନିବେଦନକ୍ରମେ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ଇସଲାମର ବାନା ଥାମି ନେଲେ । ଅଲ୍ଲାଃତାଲା ତାଙ୍କ ମାଧ୍ୟମରେ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ ଏବଂ ସେ ସକୁଶଳେ ଇସଲାମୀୟ ସେନାକୁ ସେଠାରୁ ଫେରାଇ ଆଣିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଚର୍ଚ୍ଚା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ଇନ୍‌ଶାଅଲ୍ଲାଃ । ଏବେ ମୁଁ ଜଣେ ଶହିଦ୍ ଓ କେତେକ ମୃତକଙ୍କର ଜୀବନୀ ଚର୍ଚ୍ଚା କରିବି ଏବଂ ନମାଜ ଜୁମା ପରେ ସେମାନଙ୍କ ଜନାଯାଃ ଗାଏବ ମଧ୍ୟ ପାଠ କରାଇବି ।

**ପ୍ରଥମ ଶ୍ରୀମାନ ଲଇକ୍ ଅହେମଦ ଚିମା ସାହେବ** ସୁପୁତ୍ର ଶ୍ରୀମାନ ଚୌଧରୀ ନଜୀର୍ ଅହେମଦ ଚିମା ସାହେବଙ୍କର ରହିଛି । ତାଙ୍କୁ ଚଳିତ ମାସ ୧୮ତାରିଖ ଦିନ କରାଚି ସହରରେ ଏକ ଜନସମାଗମ ସ୍ଥାନରେ ଲୋକେ ଇଟା ଓ ପଥରରେ ଅତି ନିର୍ମମ ଭାବରେ ଆକ୍ରମଣ କରି ଶହିଦ୍ କରିଦେଲେ । ଇନ୍ନା ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍ । ତାଙ୍କର ବୟସ ୪୭ବର୍ଷ ଥିଲା । ଶହିଦ୍ ଜଣକ ଗୋଟିଏ Work Shop ଚଳାଉ ଥିଲେ ଏବଂ ତାଙ୍କ ବିଶ୍ୱସ୍ତତା ଓ ନିଷ୍ଠାପୂର୍ଣ୍ଣତା ଯୋଗୁଁ ତାଙ୍କର କାରବାର ବେଶ୍ ବ୍ୟାପକ ହୋଇଯାଇଥିଲା । ମୃତକ ଜଣକ ମୁସି (ବ୍ୟକ୍ତି) ଥିଲେ ।

ସେ ଜମାଅତର ଜଣେ ସକ୍ରିୟ ସଦସ୍ୟ ମଧ୍ୟ ଥିଲେ, ଏଥିସହିତ ନମାଜ ରୋଜାର ନିୟମିତ ପାଳନକାରୀ, ତହଜୁଦ୍ ପାଠକାରୀ, ମେଳାପୀ, ପ୍ରେମାନୁରାଗୀ, ଅତି ସାହାସି ତଥା ଅନ୍ୟକୁ ଉତ୍ସାହିତକାରୀ ବ୍ୟକ୍ତି ଥିଲେ । ଖିଲାଫତ୍ ସହିତ ବିଶେଷ ସମ୍ପର୍କ ରକ୍ଷାକାରୀ, ମୋର ଖୁତ୍‌ବା ଧ୍ୟାନପୂର୍ବକ ଶ୍ରବଣକାରୀ, ଜମାଅତୀୟ ଡ଼ିଉଟି ଓ ମକଦମାରେ ଉପସ୍ଥିତ ହେବା ପାଇଁ ସର୍ବଦା ପ୍ରସ୍ତୁତ ରହୁଥିଲେ । ପବିତ୍ର କୁରଆନକୁ ସେ ବହୁତ ଭଲ ପାଉଥିଲେ । ଶହିଦ୍ ହେବାର ଦୁଇଦିନ ପୂର୍ବରୁ ବିରୋଧୀମାନେ ତାଙ୍କୁ ଅଦାଲତ୍‌ରେ ହିଁ ଧମକ ଦେଇଥିଲେ । ନିଜ ପଛରେ ଦୁଇଜଣ ପତ୍ନୀ ସମେତ ସାତଟି ସନ୍ତାନ ଛାଡ଼ି ଯାଇଛନ୍ତି । ଏତଦ୍ ବ୍ୟତୀତ ତାଙ୍କର ଅନ୍ୟ ଭାଇଭଉଣୀ ମଧ୍ୟ ରହିଛନ୍ତି । ଏହିପରି ଆଜି କସୁର୍ ସ୍ଥିତ ଏକ ଗ୍ରାମରେ ଆଉ ଜଣେ ଯୁବକଙ୍କୁ (ବିରୋଧୀମାନେ) ଶହିଦ୍ କରିଥିବାର ସୂଚନା ମିଳିଛି । ଯଦିଚ ବିସ୍ତୃତ ବିବରଣୀ ଏଯାବତ୍ ହସ୍ତଗତ ହୋଇ ନାହିଁ । ଏଥିଅନ୍ତେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ବିରୋଧୀମାନଙ୍କ ସକାଶେ ଦୁଆ କଲେ ଅଲ୍ଲାଃତାଲା ଏହି ଅତ୍ୟାଚାରୀମାନଙ୍କର ଯଥାଶୀଘ୍ର ଧରପଗଡ କରନ୍ତୁ । ସେମାନଙ୍କ ସକାଶେ ଏବେ କେବଳ ମୁଖରୁ ଏହି (ଦୁଆ) ନିଃସୃତ ହେଉଛି, ଅଲ୍ଲାଃହୁମ୍ମା ମଯ୍‌ଯିକ୍‌ହୁମ୍ କୁଲ୍ଲା ମୁମଯ୍ ଯକିନ୍ ଓସହ୍ ହିକ୍‌ହୁମ୍ ତସ୍‌ହିକା ।

**ଦ୍ୱିତୀୟ ମୃତକ ହେଲେ ଶ୍ରୀମତୀ ଅମତୁଲ୍ ମୁସଓ୍ୱିର ନୁରୀ ସାହେବାଃ** ପତ୍ନୀ ଶ୍ରୀମାନ ଡ଼ାଃ ମସଉଦୁଲ୍ ହୁସେନ୍ ନୁରୀ ସାହେବ । ସେ ବିଗତ ଦିନରେ ଦେହତ୍ୟାଗ କରିଛନ୍ତି । ଇନ୍ନା ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍ । ସେ ହଜରତ ମିର୍ଜା ଶରିଫ୍ ଅହମଦ ସାହେବ [ର.ଅ]ଙ୍କର ନାତୁଣୀ ଥିଲେ ଏବଂ ହଜରତ ନଓ୍ୱାବ ଅମତୁଲ୍ ହଫିଜ୍ ସାହେବାଃଙ୍କର ନାତୁଣୀ (କନ୍ୟାଙ୍କ ସୁପୁତ୍ରୀ) ତଥା ହଜରତ ମିର୍ଜା ଦାଉଦ୍ ଅହମଦ ସାହେବ [ର.ଅ]ଙ୍କର କନ୍ୟା ଥିଲେ । ଆଉ ମୋର ଚଚା ଝିଅ ଭଉଣୀ ଥିଲେ । ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ । ମୃତକ ଜଣକ ନମାଜ ରୋଜାର ନିୟମିତ ଭାବରେ ପାଳନକାରୀ, ବିଶ୍ୱାସୀ, ପୁଣ୍ୟବନ୍ତା, ବିବିଧ ଧର୍ମର ଅନୁଧ୍ୟାନ ଓ ଗବେଷଣାକାରୀ, ଧୈର୍ଯ୍ୟଧାରୀଣୀ, ନିଷ୍ଠାପର ସେବିକା, ପବିତ୍ର କୁରଆନକୁ ଅପାର ପ୍ରେମକାରୀଣୀ, ଅଭାବିଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନକାରୀ ଓ ହଜରତ ମସିହ ମଓଦ [ଅ.ସ]ଙ୍କ ପୁସ୍ତକଗୁଡ଼ିକର ଅଧ୍ୟୟନକାରୀ ତଥା ଉତ୍ସର୍ଗୀମାନଙ୍କ ଆଦର ସମ୍ମାନକାରୀ ମହିଳା ଥିଲେ ।

**ତୃତୀୟ ମୃତକ ହେଲେ ଶ୍ରୀମାନ ହସନ ସାନୁଗୋ ଅବୁବକର ସାହେବ** ସ୍ଥାନୀୟ ମୁବଲ୍ଲିଗ୍ ବୁରକିନାଫାସୋ । ସେ ୬୩ ବର୍ଷ ବୟସରେ ଦେହତ୍ୟାଗ କରିଛନ୍ତି । ଇନ୍ନା ଲିଲ୍ଲାହି ଓଇନ୍ନା ଇଲୈହି ରାଜେଉନ୍ । ସେ ସ୍ଥାନୀୟ ଭାଷାରେ ଦରସ୍ ଦେଉଥିଲେ ଯାହାକି ରେଡ଼ିଓରେ ପ୍ରସାରିତ ହେଉଥିଲା । ସେ ଅଲ୍ ଅଯହର୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ହାସଲ କରିଥିଲେ । ମୃତକ ଜଣେ ପୁଣ୍ୟବାନ, ଧର୍ମ ପ୍ରଚାର କରିବାର ପାଗଳପ୍ରେମୀ, ଜଣେ ବିଦ୍ଵାଣୀ, ବୀର, ପ୍ରବୀଣ ବକ୍ତା, ପବିତ୍ର କୁରଆନକୁ ବହୁତ ପ୍ରେମକାରୀ ଓ ପ୍ରସନ୍ନଚିତ୍ତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଆ କଲେ, **ଅଲ୍ଲାଃତାଲା ଏପରି ଧର୍ମସେବକ ଜମାଅତକୁ ସର୍ବଦା ପ୍ରଦାନ କରିଚାଲନ୍ତୁ ।** ପରିଶେଷରେ ହୁଜୁର ଅନଓ୍ୱର[ଅ.ବ] ଏସମସ୍ତ ମୃତକମାନଙ୍କ କ୍ଷମା ଯାଚନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ଯ୍ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ଯ୍ୟୁଜ୍‌ଲିଲ୍‌ହୁ ଫଲା ହାଦିୟ୍ୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟ୍ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟ୍ୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟ୍ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟ୍ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟ୍ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

25th April 2025

*Translated to Odia by :* Moulavi Anwar Ahmad Khan